Chapter- 3

# ଚାଲ, ଘର କରିବା

## STUDY NOTES

### ୧. ଗପରୁ କୁହ ।

(କ) ପ୍ରହ୍ଲାଦ ଗଛକୁ ବଞ୍ଚାଇବା ପାଇଁ କ'ଣ ଉପାୟ କଲା ?

**ଉ:** ପ୍ରହ୍ଲାଦ ଗଛକୁ ବଞ୍ଚାଇବା ପାଇଁ ବନବିଭାଗ ଅଫିସ୍‌କୁ ଗଲା ଏବଂ ସେଠାରେ ସବୁକଥା କହିଲା ଏବଂ ବନବିଭାଗର ଲୋକମାନଙ୍କୁ ସାଙ୍ଗରେ ଧରି ବଗିଚା ନିକଟରେ ପହଞ୍ଚିଲା । ବନ ବିଭାଗର ଲୋକମାନଙ୍କୁ ଦେଖି ଗଛକଟାଳୀମାନେ ଦୌଡ଼ି ପଳାଇଗଲେ ।

(ଖ) ମାଙ୍କଡ଼ର ପଥର ମାଡ଼ରେ ପକ୍ଷୀମାନଙ୍କର କ'ଣ ଲାଭ ହେଲା ?

**ଉ:** ମାଙ୍କଡ଼ର ପଥର ମାଡ଼ରେ ଗଛକଟାଳୀମାନେ ଗଛ କାଟିନପାରି ଦୌଡ଼ି ପଳାଇଗଲେ । ପକ୍ଷୀମାନଙ୍କର ବସା ଆଉ ଭାଙ୍ଗିଲା ନାହିଁ । ପକ୍ଷୀମାନଙ୍କର ଛୁଆ ଓ ବସା ସୁରକ୍ଷିତ ଅବସ୍ଥାରେ ରହିଲା । ଏହିପରି ଭାବରେ ପକ୍ଷୀମାନଙ୍କର ଲାଭ ହେଲା ।

(ଗ) ବିପ୍ଳବ କାହିଁକି ମାଙ୍କଡ଼ ପାଖକୁ ଯାଇଥିଲା ?

**ଉ:** ଗଛକଟାଳୀମାନଙ୍କର କଥା ଶୁଣି ବିପ୍ଳବର ଅକଲ ଗୁଡୁମ୍ ହୋଇଗଲା । ସେ ଗଛକୁ ସୁରକ୍ଷା ଦେବା ପାଇଁ ମାଙ୍କଡ଼ ପାଖକୁ ସାହାଯ୍ୟ ମାଗିବାକୁ ଯାଇଥିଲା ।

### ୨. ପଢ଼ ଓ ଲେଖ ।

ମଲ୍ଲ - ମଲ୍ଲ
ପଲ୍ଲୀ - ପଲ୍ଲୀ
ଦିଲ୍ଲୀ - ଦିଲ୍ଲୀ
ଶୁକ୍ଳ - ଶୁକ୍ଳ
କ୍ଳାନ୍ତ - କ୍ଳାନ୍ତ
ଅମ୍ଳ - ଅମ୍ଳ
ଆହ୍ଲାଦ - ଆହ୍ଲାଦ

୩. ଚିତ୍ର ଦେଖ ଓ ଚିତ୍ରତଳେ ନାମ ଲେଖ ।



ଲାଲ୍‌କିଲ୍ଲା



ମଲ୍ଲୀଫୁଲ



ବ୍ଲେଡ୍



ସ୍ଲେଟ୍

୪. ଗାର ଦେଇ ଶବ୍ଦ ଗଢ଼ ଓ ବାକ୍ସ ଭିତରେ ଶବ୍ଦଗୁଡ଼ିକୁ ଲେଖ ।

ଯେମିତି- କ୍ଲେଶ, ପଲ୍ଲବୀ

| (କ) | (ଖ) | (ଗ) |
|---|---|---|
| ମ | ଶ | ସ |
| କ୍ଲେ | କ | ବୀ |
| ଉ | ଲ୍ଲା | ଦ |
| ପ | ଲ୍ଲ | |
| ଅ | ଲ୍ଲୀ | |
| ଶ୍ଲୋ | ହ୍ଲା | |
| ଗେ | ମ୍ଲ | |
| ପ୍ର | ହ୍ଲା | |

କ୍ଲେଶ, ମଲ୍ଲୀ,
ପଲ୍ଲବୀ, ଉଲ୍ଲାସ,
ଅମ୍ଳ, ଶ୍ଲୋକ,
ଗେହ୍ଲା, ପ୍ରହ୍ଲାଦ

**୫. ଠିକ୍ ଉଚ୍ଚାରଣ କରି ପଢ଼ ଓ ଲେଖ।**

ପ୍ରହ୍ଲାଦ ଆହ୍ଲାଦ ଦୁଇ ସଙ୍ଗାତ

ବଲ୍ଲରୀ ସହିତ ଗାଇଲେ ଗୀତ

ଉଲ୍ଲାସ ସେଠାରେ ମିଶିଲା ଆସି

ପଲ୍ଲୀବାସୀ ଦେଖି ହୋଇଲେ ଖୁସି

**୬. ରହିବା ପାଇଁ ଘରଟିଏ ନଥିଲେ କ'ଣ ସବୁ ଅସୁବିଧା ହେବ ?**

ଆଲୋଚନା କରି ଲେଖ ।

**ଉ:** ରହିବା ପାଇଁ ଘରଟିଏ ନଥିଲେ, ଆମକୁ ଅନେକ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଯଥା- ଜୀବଜନ୍ତୁମାନଙ୍କ ଆକ୍ରମଣରୁ ଆମେ ନିଜକୁ ରକ୍ଷା କରିପାରିବା ନାହିଁ । ଖରା, ବର୍ଷା, ଶୀତ ଓ କାକରରେ ଆମେ ରୋଗାକ୍ରାନ୍ତ ହୋଇଯିବା ଏବଂ ସୁସ୍ଥ ଜୀବନଯାପନ କରିପାରିବା ନାହିଁ। ଆମେ ଆମର ଖାଦ୍ୟ ସୁବିଧାରେ ପ୍ରସ୍ତୁତ କରିପାରିବା ନାହିଁ। ମଣିଷର ସୁରକ୍ଷା ଓ ସୁସ୍ଥ ଜୀବନଯାପନ ପାଇଁ ଘରର ନିତ୍ୟାନ୍ତ ଆବଶ୍ୟକତା ରହିଛି।

**୭. ପ୍ରହ୍ଲାଦ ବନବିଭାଗକୁ ଯାଇ ଗଛକୁ ରକ୍ଷାକଲା। ତୁମେ ସେଇଠି ଥିଲେ ଗଛକୁ କିପରି ରକ୍ଷା କରିଥା'ନ୍ତ ଲେଖ।**

**ଉ:** ମୁଁ ପ୍ରଥମେ ଗଛକଟାଳୀମାନଙ୍କ ନିକଟକୁ ଯାଇ ଗଛ କାଟିଲେ ଆମେ କିପ୍ରକାର ଅସୁବିଧାର ସମ୍ମୁଖୀନ ହେବା ଜୀବଜନ୍ତୁମାନଙ୍କର ମଧ୍ୟ କ'ଣ ଅସୁବିଧା ହେବ ସେ ବିଷୟ ସେମାନଙ୍କୁ ବୁଝାଇବି ଏବଂ ଗଛ ନ କାଟିବାକୁ ଅନୁରୋଧ କରିବି।

**୮. ଜୋରରେ ବରଷା ହେଲେ ନିଜେ ନିଜକୁ ରକ୍ଷା କରିବା ପାଇଁ କିଏ କେଉଁଠିକି ଯିବେ ଲେଖ।**

ମଣିଷ - ଘର ଭିତରକୁ

କୁକୁର - ଆଶ୍ରୟସ୍ଥଳ

ମୟୂର - ଗଛ ମୂଳକୁ

ଘରଚଟିଆ - ତା' ବସାକୁ

ODM EDUCATIONAL GROUP Changing your Tomorrow

ସାପ - ଗାତକୁ

ବେଙ୍ଗ - ସାରୁ ବୁଦାମୂଳକୁ

୯. ବାୟାଚଢ଼େଇ ନିଜ ଘର ଘାସ ଓ କୁଟାରେ ତିଆରି କରେ। ତୁମ ଘର କେଉଁଥିରେ ତିଆରି ହୋଇଛି ଲେଖ।

**ଉ:** ଆମ ଘର ନଡ଼ା, କୁଟା, ମାଟି, ଇଟା, ସିମେଣ୍ଟ, କାଦୁଅ, ପଥର, ଲୁହାଛଡ଼ ଇତ୍ୟାଦିରେ ତିଆରି ହୋଇଛି।

**୧୦. ତୁମେ କେଉଁ ସବୁ ଜାଗାରେ ପକ୍ଷୀ ବସା ଦେଖିଛ ?**

ଉ: ପକ୍ଷୀର ବସା ଗଛ ଡାଳରେ ଓ ଘର ଚାଳରେ ।

**୧୧. 'ଘର' କହିଲେ ଯେଉଁସବୁ କଥା ତୁମ ମନକୁ ଆସୁଛି ଲେଖ ।**

ଯେପରି-

(କ) ଘର ଆମକୁ ଖରା ବରଷାରୁ ରକ୍ଷା କରେ।

(ଖ) ଘର ଆମକୁ ଶୀତ, କାକର ଦାଉରୁ ରକ୍ଷା କରେ।

(ଗ) ଏହା ଆମକୁ ଜୀବଜନ୍ତୁମାନଙ୍କ କବଳରୁ ରକ୍ଷା କରେ।

(ଘ) ଘର ଆମକୁ ଝଡ଼, ବାତ୍ୟା, ବନ୍ୟା ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରେ।

(ଙ) ଚୋର ଓ ଡାକୁମାନଙ୍କ କବଳରୁ ଆମକୁ ମଧ୍ୟ ରକ୍ଷା କରେ।

(ଚ) ମଣିଷର ସୁରକ୍ଷା ପାଇଁ ଘରଟିଏ ନିତ୍ୟାନ୍ତ ଆବଶ୍ୟକ।

(ଛ) ଘର ବିଭିନ୍ନ ପ୍ରକାରର ଥାଏ, ଯଥା- କୋଠାଘର, ମାଟିଘର, ଚାଳ ଘର, ଟାଇଲ ଘର, ତମ୍ବୁ ଘର ଇତ୍ୟାଦି।

(ଜ) ଘରଟିଏ ନିର୍ମାଣ କରିବାକୁ ହେଲେ ଆମେ ବିଭିନ୍ନ ବସ୍ତୁର ଆବଶ୍ୟକ କରିଥାଉ। ଯଥା- ଇଟା, ବାଲି, ସିମେଣ୍ଟ, ରଡ଼, କାଠ, କାଦୁଅ, ଟାଇଲ୍ ଇତ୍ୟାଦି।

(ଝ) ଘରଟି ଆମକୁ ସବୁପ୍ରକାରର ସୁରକ୍ଷା ଦେଇଥାଏ।

◆◆◆